ers detained Das, Biswal and Sin-

investigated.

New Indian Express | Pg - 4 | 22nd April

# SHAMBHAVI PURASKAR FOR VISUALLY IMPAIRED




EXPRESS NEWS SERVICE
@ Bhubaneswar

THE prestigious Shambhavi Puraskar was presented to visually challenged Santosh Kumar Moharana at a function held here on Saturday. Moharana played a transformational role in uplift of differently-abled persons by bringing them to the mainstream in Paralakhemundi of Gajapati district.

Moharana set up an organisation 'Samarth' in 2007 and mobilised 1,964 differently-abled persons to form 164 SHGs spurring them on to livelihood enterprises like phenyl and paper plate making, selling vegetables, opening grocery shops, mobile repair and bangle shops.

Bansidhar and Ila Panda Foundation (BIPF) which instituted Shambhavi Puraskar, has this year introduced Shambhavi Jury Commendation Certificate to recognise an individual's wholehearted desire in serving humanity.

The jury selected Bibhuti Kumar Ray for his selfless service. An auto driver, Ray has been extending help to ailing patients, robbed passengers and accident victims during distress. Playing a good Samaritan in Cuttuck since 2006, he has set up Savitri Janaseva to extend support to the needy.

Both, Moharana and Ray received the award and certificate respectively from Chairman of Odisha Skill Development Authority (OSDA) Subroto Bagchi.

Bagchi congratulated both the winners for their contribution to the society and appreciated BIPF foundation for encouraging such social workers through Shambhavi Puraskar.

Speaking on the occasion, CEO of BIPF Shaifalika Panda said Moharana has shown the society that a visionary sees from the heart. "The grit and determination of our Shambhavi Puraskar awardee this year is an example for people not just in social work but across sectors, life and generations," she said.

The Shamabhavi Puraskar was instituted in 2014 is bestowed on social change agents who serve society altruistically. It carries a citation and cash award of ₹2.5 lakh. The Jury Commendation certification carries a citation and a cash award for ₹50,000.

Orissa POST | Pg-2 | 22nd April

# Unsung Odia heroes honoured



Santosh Kumar Moharana receiving Shambhavi Puraskar in Bhubaneswar, Saturday

OP PHOTO

POST NEWS NETWORK

**Bhubaneswar:** Incredible it may seem, but Santosh Kumar Moharana lost his vision and still became a noteworthy visionary. He defied destiny to render services for the uplift of differently-abled people and bring them to the mainstream. For his significant contribution to social welfare, Bansidhar and Ila Panda Foundation (BIPF) has conferred the coveted Shambhavi Puraskar on him for 2018 at a function held in the city, Saturday.

Santosh received the award from Odisha Skill Development Authority, Bhubaneswar, chairman Subroto Bagchi. BIPF trustee and CEO Shaifalika Panda and development consultant Basant Mohanty were present on the occasion.

## 5TH SHAMBHAVI PURASKAR

Moharana received a cash award of ₹2.50 lakh and a citation.

Santosh rendered selfless services to the physically challenged people through his organisation 'Samarth' set up in 2007. Thus far, he has mobilised 1964 differently-abled people to form 164 SHGs in Gajapati district, spurring them to start livelihood enterprises.

Thanking the foundation for the award, Santosh said, "I received this award only due to the help of my brothers and sisters. The Shambhavi Puraskar is an inspiration for people like me."

Meanwhile, Jury Commendation Certificate, which was instituted this year under the umbrella of Shambhavi Puraskar, was given to another social catalyst Bibhuti Kumar Ray. Bibhuti, a resident of Cuttack, received the award for his altruistic work and serving the humanity. He received a cash award of ₹50,000 and a citation.

**Incredible it may seem, but Santosh Kumar Moharana lost his vision and still became a noteworthy visionary**

Bibhuti, an autorickshaw driver by profession, uses his three-wheelers as an ambulance to help ailing patients, robbed passengers and accidents victims during their distress. All the money earned from his profession is spent for social cause. Playing the Good Samaritan in Cuttack town since 2006, Bibhuti set up Savitri Janaseva in 2013 to spread the outreach of his social service.

Bibhuti became emotional while receiving the award. He said, "We should take an oath to help hapless people, who have lost all hope. I will continue helping people as long as I have strength to do so. I also invite others to help people in distress."

On the occasion, Bagchi congratulated both winners for their selfless services to mankind and appreciated BIPF for encouraging social workers through the award.

Meanwhile, the CEO of BIPF Shaifalika said, "Santosh Kumar has shown us that a visionary sees from the heart."

Shambhavi Puraskar, which was instituted in 2014, recognises contribution of individuals or groups engaged in social work in Odisha..

SAMBAD / Pg -10
22nd April

## ପଞ୍ଚମ ଶାମ୍ଭବୀ ପୁରସ୍କାର ସମାରୋହ

# 'ସମାଜ ଓ ରାଷ୍ଟ୍ର ପାଇଁ ଆଦର୍ଶବୋଧର ଆବଶ୍ୟକତା ରହିଛି'



ଭୁବନେଶ୍ୱର, ୨୧।୪ (ଇମିସ): ଆଜିର ଡିଜିଟାଲ୍ ଯୁଗରେ ମାତ୍ରାଧିକ ସୂଚନା ଦେବାର ଅଭ୍ୟାସ ମଣିଷର ଧ୍ୟାନ ଦେବାର ଶକ୍ତିକୁ ହ୍ରାସ କରିବାରେ ଲାଗିଛି। ଆମେ ଦେଖିକି ବି ଦେଖିପାରୁନୁ। ଶୁଣିକି ବି ଶୁଣିପାରୁନୁ। ଆଜିକାଲି ସବୁ ଖବର ଚାଞ୍ଚଲ୍ୟକର ବା ବ୍ରେକିଂ ନ୍ୟୁଜ୍। ଏଗୁଡ଼ିକର ଆୟୁଷ ମଧ୍ୟ ବହୁ କ୍ଷୀଣ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଆମର ଦେଖିବାକୁ ଶୁଣିବାକୁ ସମୟ ନାହିଁ ତେବେ ଆମେ ଶିଖିବୁ କ'ଣ? କାହାଠୁ ଓ କିପରି ଶିଖିବା? ଏଭଳି ପରିସ୍ଥିତିରେ ସମାଜ ଓ ରାଷ୍ଟ୍ର ପାଇଁ ଆଦର୍ଶବୋଧର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚି।

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ହୋଟେଲ୍ କ୍ରାଉନ୍‌ଠାରେ ଆୟୋଜିତ '୫ମ ଶାମ୍ଭବୀ ପୁରସ୍କାର ସମାରୋହ'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବାଗ୍‌ଚି ଜୀବନରେ ସଫଳ ନେତୃତ୍ୱର ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଟ୍ରମ୍ପ, ପୁଟିନ୍ ପ୍ରମୁଖଙ୍କ ହିଂସ୍ର ବ୍ୟବହାର ଓ ପୁରୁଷୋଚିତ ପ୍ରକୃତିକୁ ଘୋର ନିନ୍ଦା କରିଥିଲେ। ଏହି ପରିସ୍ଥିତିରେ ଉତ୍ତର ପୁରୁଷ ପାଇଁ ଏକ ଆଦର୍ଶବାଦ ସମାଜ ଗଠନ ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ମହାରଣାଙ୍କୁ 'ଶାମ୍ଭବୀ ପୁରସ୍କାର ୨୦୧୮'ରେ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଛି। ପୁଣି ବିଭୂତି କୁମାର ରାୟଙ୍କୁ 'ଶାମ୍ଭବୀ ବିଚାରକ ପ୍ରଶଂସା ପତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପୁରସ୍କାର ଚୟନ ବିଚାରକମଣ୍ଡଳୀର ସଦସ୍ୟ ବସନ୍ତ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଫାଉଣ୍ଡେସନ୍‌ର ସିଇଓ ଶୈଫାଳିକା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

### ଦୃଷ୍ଟି ଶକ୍ତି ନାହିଁ, କିନ୍ତୁ ଦୂରଦୃଷ୍ଟିସମ୍ପନ୍ନ

ଦୃଷ୍ଟି ଶକ୍ତି ନାହିଁ। କିନ୍ତୁ ଦୂରଦୃଷ୍ଟିସମ୍ପନ୍ନ। ଜୀବନ ତାଙ୍କୁ ବେଦନା ଦେଇଛି, କିନ୍ତୁ ସେ ଜୀବନକୁ ସମବେଦନା ଜଣାଇଛନ୍ତି। 'ଶାମ୍ଭବୀ ପୁରସ୍କାର' ବିଜେତା ସନ୍ତୋଷ କୁମାର ମହାରଣାଙ୍କୁ ଦେଖିଲେ, ଆଜି ସୁବ୍ରତ ବାଗ୍‌ଚିଙ୍କ ମୁଖନିସୃତ ଏହି କଥା ସତ ବୋଲି ମନେ ହୁଏ। ସେ ଦୃଷ୍ଟିହୀନ ଦିବ୍ୟାଙ୍ଗ ସତ। କିନ୍ତୁ ଗଜପତି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ପ୍ରାୟ ୨ ହଜାର ଦିବ୍ୟାଙ୍ଗଙ୍କୁ ସେ ଜିଇଁବାର ବାଟ ବତାଇଛନ୍ତି। ୨୦୦୭ରେ 'ସମର୍ଥ' ଅନୁଷ୍ଠାନ ଖୋଲି ନିସ୍ୱାର୍ଥ ସେବା ପ୍ରଦାନ କରି ଚାଲିଛନ୍ତି। ଏହି ଅନୁଷ୍ଠାନ ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କୁ ୧୬୪ଟି ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ୍ କରି ସେମାନଙ୍କୁ ଫିନାଇଲ୍ ଓ କାଗଜ ପ୍ଲେଟ୍ ତିଆରି, ପରିବା ଦୋକାନ, ତେଜରାତି ଦୋକାନ, ମୋବାଇଲ୍ ମରାମତି ଦୋକାନ ଓ ଚୁଡ଼ି ଦୋକାନ ଆଦି କରି ରୋଜଗାରର ବାଟ ଦେଖାଇଛନ୍ତି। ଏନେଇ ସନ୍ତୋଷ କୁହନ୍ତି, ମୁଁ ଜନ୍ମାନ୍ଧ ନୁହେଁ। ୨୦୦୨ ମସିହାରେ ନବମ ପଢୁଥିବା ସମୟରେ ହଠାତ୍ ଦିନେ ମୋ ଦୃଷ୍ଟିଶକ୍ତି ଚାଲି ଯାଇଥିଲା। ତା' ପରର ୪ ବର୍ଷ ମୋ ପାଇଁ ବହୁ କଷ୍ଟକର ଥିଲା। ଏହା ପରେ ସିସିଡି ଦ୍ୱାରା ମୁଁ ବ୍ରେଲି ଅକ୍ଷରରେ ପାଠପଢ଼ା ଆରମ୍ଭ କଲି। ମନରେ ଦୃଢ଼ ବିଶ୍ୱାସ ଆସିଲା। ଦିବ୍ୟାଙ୍ଗ ଯେ ଦିବ୍ୟ ଅଙ୍ଗଧାରୀ ଓ ଏମାନେ କାହା ଉପରେ ବୋଝ ନୁହନ୍ତି, ତାହା ସମାଜକୁ ଶିଖାଇବାକୁ ମୁଁ ଅଣ୍ଟା ଭିଡ଼ିଛି। ଗଜପତି ଜିଲ୍ଲାରେ ପ୍ରାୟ ୧୬ ହଜାର ଦିବ୍ୟାଙ୍ଗ ଅଛନ୍ତି। ସମସ୍ତଙ୍କୁ ସାବଲମ୍ବୀ କରିବାର ଲକ୍ଷ୍ୟ ସେ ରଖିଥିବା କହିଛନ୍ତି।

### ଯାହାର କେହି ନାହିଁ, ତା'ର ଆମେ ଅଛୁ

ଯେତେବେଳେ ବି କୁହନ୍ତି, ସାରା ଦୁନିଆକୁ ନିଜର ବୋଲି କୁହନ୍ତି। କେହି ଏଠାରେ ଅସହାୟ ନୁହନ୍ତି। ଯାହାର କେହି ନାହିଁ, ତା'ର ଆମେ ଅଛୁ ବୋଲି କୁହନ୍ତି। ଖାଲି କଥାରେ ନୁହେଁ କାମରେ କରି ଦେଖାନ୍ତି। 'ଶାମ୍ଭବୀ ବିଚାରକ ପ୍ରଶଂସା ପତ୍ର ପୁରସ୍କାର' ବିଜେତା ବିଭୂତି କୁମାର ରାୟ ପରୋପକାରକୁ ଜୀବନ ବ୍ରତ ମାନି ନେଇଛନ୍ତି। ସେ ପେଶାରେ ଜଣେ ଅଟୋ ଚାଳକ। ଅଟୋ ଚଳାଇବା ଆରମ୍ଭ କରିବା ଦିନଠାରୁ ସେ ନିଜ ଉପାର୍ଜନକୁ ଅସୁବିଧାରେ ଥିବା ବ୍ୟକ୍ତି, ରୋଗୀ, ଦୁର୍ଘଟଣା ଓ ଚୋରି ଆଦିର ଶିକାର ହୋଇଥିବା ଲୋକଙ୍କ ପଛରେ ଖର୍ଚ୍ଚ କରନ୍ତି। ୨୦୦୬ରୁ ଏହି ସେବା ଯୋଗାଇ ଆସୁଥିବା ବିଭୂତି ରକ୍ତଦାନ କରିବା, ଅଙ୍ଗ ପ୍ରତ୍ୟାରୋପଣରେ ସାହାଯ୍ୟ କରିବା ଆଦି ସହ ଗର୍ଭବତୀ ନାରୀଙ୍କୁ ଡାକ୍ତରଖାନାକୁ ନେବା ଆଦି କାର୍ଯ୍ୟରେ ଜୀବନକୁ ଉତ୍ସର୍ଗ କରିଛନ୍ତି। ବର୍ତ୍ତମାନ ସେ 'ସାବିତ୍ରୀ ଜନସେବା' ନାମକ ଅନୁଷ୍ଠାନ ଖୋଲି ସେବା ଯୋଗାଇ ଚାଲିଛନ୍ତି।

SAMAYA | Pg-5, 22nd April.

# ପଞ୍ଚମ ଶାମ୍ଭବୀ ପୁରସ୍କାର ପାଇଲେ ସନ୍ତୋଷ କୁମାର ମହାରଣା

## ମାନବ ସେବା ପାଇଁ ବିଭୂତି କୁମାର ରାୟ ପାଇଲେ 'ଶାମ୍ଭବୀ ବିଚାରକ ପ୍ରଶଂସା ପତ୍ର'




ଭୁବନେଶ୍ୱର, (ସବ୍ୟୁ) : ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସମାରୋହରେ ସନ୍ତୋଷ କୁମାର ମହାରଣାଙ୍କୁ ସମ୍ମାନଜନକ 'ଶାମ୍ଭବୀ ପୁରସ୍କାର ୨୦୧୮' ପ୍ରଦାନ କରାଯାଇଛି । ସମାରୋହରେ ମୁଖ୍ୟ ଅତିଥି ତଥା ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ)ର ଅଧ୍ୟକ୍ଷ ସୁବ୍ରତ ବାଗଚିଙ୍କଠାରୁ ଶ୍ରୀ ମହାରଣା ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

ଦୃଷ୍ଟିଶକ୍ତିହୀନ ସନ୍ତୋଷ କୁମାର ମହାରଣା ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ଧାରାକୁ ଆଣି ସେମାନଙ୍କ ବିକାଶ କ୍ଷେତ୍ରରେ ଏକ ପରିବର୍ତ୍ତନକାରୀ ଭୂମିକା ନିର୍ବାହ କରିଛନ୍ତି । ୨୦୦୭ରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ 'ସମର୍ଥ' ମାଧ୍ୟମରେ ନିସ୍ୱାର୍ଥ ସେବା ପ୍ରଦାନପୂର୍ବକ ମହାରଣା ଗଜପତି ଜିଲ୍ଲାରେ ଫିନାଇଲ୍ ଓ କାଗଜ ପ୍ଲେଟ୍ ତିଆରି, ପରିବା ଦୋକାନ, ଟେକରାଡି ଦୋକାନ ଖୋଲିବା, ମୋବାଇଲ୍ ଫୋନ୍ ସଜାଡ଼ିବା, ଚୁଡ଼ି ଦୋକାନ ଭଳି ଉପାର୍ଜନକାରୀ ଉଦ୍ୟୋଗରେ ନିୟୋଜିତ କରି ୧୯୬୪ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୧୬୪ଟି ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ୍ କରାଇଛନ୍ତି । ଉତ୍ସବକୁ ସମ୍ବୋଧନ କରି ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ସିଇଓ ଶ୍ରୀମତୀ ଶେଫାଳିକା ପଣ୍ଡା କହିଲେ ସନ୍ତୋଷ କୁମାର ମହାରଣା ଆମକୁ ଦେଖାଇ ଦେଇଛନ୍ତି ଯେ, ଜଣେ ଦୂରଦର୍ଶୀ ସର୍ବଦା ହୃଦୟରୁ ହିଁ ଦେଖନ୍ତି । ଚଳିତବର୍ଷ ଆମ ଶାମ୍ଭବୀ ପୁରସ୍କାର ବିଜେତାଙ୍କର ଧୈର୍ଯ୍ୟ ଓ ଦୃଢ଼ ନିଷ୍ଠା କେବଳ ସମାଜସେବା ପାଇଁ ନୁହେଁ ପରନ୍ତୁ ସବୁ କ୍ଷେତ୍ର, ଜୀବନ ଓ ପୀଢ଼ି ପାଇଁ ଏକ ଉଦାହରଣ । 'ଶାମ୍ଭବୀ ପୁରସ୍କାର ସ୍ୱରୂପ ଗୋଟିଏ ମାନପତ୍ର ଏବଂ ୨,୫୦,୦୦୦ ଟଙ୍କାର ଅର୍ଥ ରାଶି ରହିଛି । ବିଚାରକ ପ୍ରଶଂସା ପତ୍ର ଆକାରରେ ଗୋଟିଏ ମାନପତ୍ର ଏବଂ ୫୦,୦୦୦ ଟଙ୍କାର ନଗଦ ରାଶି ପ୍ରଦାନ କରାଯାଉଛି ।

କହିଲେ, ଓଡ଼ିଶା ରାଜନୀତିରେ    ବୋଲି ସେ କହିଥିଲେ । ଓଡ଼ିଶାର    ପାରଦର୍ଶିତା ଥିଲା । ପ୍ରତିଷ୍ଠାନର

SAMAJA / Pg-12 / 22nd April

# ସନ୍ତୋଷ ମହାରଣା ପାଇଲେ ଶାମ୍ଭବୀ ପୁରସ୍କାର

## କଟକର ବିଭୂତିଙ୍କୁ ବିଚାରକ ପ୍ରଶଂସାପତ୍ର



ଭୁବନେଶ୍ୱର,୨୧।୪(ନି.ପ୍ର): ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦତ୍ତ ଶାମ୍ଭବୀ ପୁରସ୍କାର ଚଳିତ ବର୍ଷ ପାରଳାଖେମୁଣ୍ଡିର ସନ୍ତୋଷ କୁମାର ମହାରଣାଙ୍କୁ ପ୍ରଦାନ କରାଯାଇଛି । ସେହିପରି କଟକର ବିଭୂତି କୁମାର ରାୟଙ୍କୁ ଶାମ୍ଭବୀ ବିଚାରକ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି । ଶନିବାର ଆୟୋଜିତ ଏକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚି ଉଭୟଙ୍କୁ ସମ୍ମାନିତ କରିଛନ୍ତି ।

ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶେଫାଳିକା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୁରି ସଦସ୍ୟ ବସନ୍ତ ମହାନ୍ତି ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିଲେ । ପୁରସ୍କାର ବାବଦରେ ଶ୍ରୀ ମହାରଣାଙ୍କୁ ମାନପତ୍ର ସହ ୨.୫ ଲକ୍ଷ ଅର୍ଥରାଶି ଏବଂ ଶ୍ରୀ ରାୟଙ୍କୁ ମାନପତ୍ର ସହ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଶ୍ରୀ ବାଗ୍‌ଚି ଉଭୟଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ନିରନ୍ତର ଉଦ୍ୟମରୁ ସମସ୍ତେ ଶିକ୍ଷା ଗ୍ରହଣ କରିବା ଉଚିତ୍ ବୋଲି କହିଥିଲେ । ଶ୍ରୀ ମହାରଣା ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ଭିନ୍ନକ୍ଷମଙ୍କୁ ସକ୍ଷମ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । 'ସମର୍ଥ' ଅନୁଷ୍ଠାନ ମାଧ୍ୟମରେ ଫିନାଇଲ, କାଗଜ ପ୍ଲେଟ ପ୍ରସ୍ତୁତ, ଦୋକାନ, ମୋବାଇଲ ମରାମତି ଆଦି ମାଧ୍ୟମରେ ସେ ଗଜପତି ଜିଲାରେ ୧୯୬୪ ଭିନ୍ନକ୍ଷମଙ୍କୁ ୧୬୪ଟି ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ କରାଇପାରିଛନ୍ତି । ପୁରସ୍କାର ଗ୍ରହଣ କରି ଶ୍ରୀ ମହାରଣା କହିଥିଲେ ଯେ ଏହାଦ୍ୱାରା ତାଙ୍କ ଭଳି ଅନେକ ସନ୍ତୋଷ ସୃଷ୍ଟି ହେବେ । ଏହି ପୁରସ୍କାର ତାଙ୍କର ନୁହେଁ ବରଂ ତାଙ୍କୁ ସହଯୋଗ କରିଥିବା ସମସ୍ତଙ୍କର ବୋଲି କହିଥିଲେ । ସେହିପରି କଟକର ଶ୍ରୀ ରାୟ ଅଟୋ ରିକ୍ସା ଚଳାଇ ଏଥିରୁ ଉପାର୍ଜିତ ଅର୍ଥରେ ଗରିବ, ରୋଗୀ ଓ ଦୁର୍ଘଟଣା ଶିକାର ଲୋକଙ୍କୁ ସାହାଯ୍ୟ କରିଥାନ୍ତି ।

Pragativadi | Pg-3 | 22nd April

# ସନ୍ତୋଷ ମହାରଣାଙ୍କୁ ୫ମ ଶାମ୍ଭବୀ ପୁରସ୍କାର

## ସାମର୍ଥ୍ୟ ନଥାଇ ପରୋପକାର ପ୍ରକୃତ ମଣିଷର ପରିଚୟ

ଭୁବନେଶ୍ୱର,ତା୨୧।୪(ପିଏନଏସ): ଯେଉଁ ମଣିଷ ପାଖରେ ସାମର୍ଥ୍ୟ ନଥାଇ ମଧ୍ୟ ପରୋପକାର କରିବାକୁ ଆଗେଇ ଆସେ ସମାଜରେ ସେହିବ୍ୟକ୍ତି ହିଁ ପ୍ରକୃତ ଦରଦୀ ଲୋକର ବନ୍ଧୁ । ସମାଜ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ପ୍ରତ୍ୟକ ବର୍ଗର ବିକାଶ ଲାଗି ଏହି ମହାନୁଭବମାନଙ୍କ ଅଭ୍ୟୁଦୟ ଏକାନ୍ତ ଆବଶ୍ୟକ ବୋଲି ଭୁବନେଶ୍ୱର ଠାରେ ଆୟୋଜିତ ୫ମ ଶାମ୍ଭବୀ ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗଚି ମତବ୍ୟକ୍ତ କରିଥିଲେ।

ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ସମ୍ମାନ ପ୍ରଦାନ ଉତ୍ସବରେ ଦୃଷ୍ଟିଶକ୍ତିହୀନ ସମାଜସେବୀ ସନ୍ତୋଷ କୁମାର ମହାରଣାଙ୍କୁ ପଞ୍ଚମ ଶାମ୍ଭବୀ ସମ୍ମାନରେ ସମ୍ମାନିତ କରାଯାଇଛି।

ଏହା ସହିତ ପେଷାରେ ଆଟୋଚାଳକ କିନ୍ତୁ ନିଶାରେ ପ୍ରତ୍ୟକ ରୋଗୀ ଏବଂ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତାଙ୍କ ଅଟୋରେ ନେଇ ମେଡିକାଲରେ ଚିକିତ୍ସା କରିବା ହେଉଛି ବିଭୂତି କୁମାର ରାୟଙ୍କ ଦୈନନ୍ଦିନ କାର୍ଯ୍ୟ। ୨୦୦୬ ମସିହାରୁ ସେ ଏହି କାର୍ଯ୍ୟ ଆରମ୍ଭ କରି ସାବିତ୍ରୀ ଜନସେବା କେନ୍ଦ୍ର ନାମରେ ଏକ ସଂସ୍ଥା ସ୍ଥାପନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ତାଙ୍କୁ ଶାମ୍ଭବୀ କୁରି କମେଣ୍ଡେସନ ପୁରିଷ୍କାର ପ୍ରଦାନ କରାଯାଇଥିଲା। ବଂଶିଧର ଇଲାପଣ୍ଡା ଫାଉଣ୍ଡେସନର ମୁଖ୍ୟ ସଂସ୍ଥାପିକା ଶୈଫାଳିକା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେୟାର ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ବସନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

